# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 13 March – 2026

# ପିଏମ୍ କିଷାନ ସମ୍ମାନ ନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି  ପିଏମ୍ କିଷାନ୍ ସମ୍ମାନ ନିଧି ଯୋଜନାର ୨୨ତମ କିସ୍ତିର ଅର୍ଥରାଶି ପ୍ରଦାନ କରିବେ। ଦେଶର ୯ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ  ୧୮ ହଜାର ୬୪୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ। ଆସାମର ଗୌହାଟୀଠାରେ ଆୟୋଜିତ ଏକ ସମାରୋହରେ ଅପରାହ୍ନରେ  ପ୍ରଧାନମନ୍ତ୍ରୀ ଏହି ଯୋଜନାର କିସ୍ତିରାଶି ପ୍ରଦାନ କରିବେ । ରାଜ୍ୟସ୍ତରୀୟ  କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉପସ୍ଥିତିରେ ଆଭାସୀ ମାଧ୍ୟମରେ, ଭୁବନେଶ୍ୱର ଓୟୁଏଟି ପରିସରରେ ଯୋଗଦେବେ । ରାଜ୍ୟର ୩୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨୨ତମ କିସ୍ତି ବାବଦରେ ୬୮୪ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୁହାଯାଇଛି ।

୨୦୧୯ ମସିହା ଫେବୃୟାରୀ ମାସରୁ କେନ୍ଦ୍ର ସରକାର ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ବର୍ଷକୁ ୩ଟି କିସ୍ତିରେ କୃଷକମାନଙ୍କୁ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଦେଉଛନ୍ତି ।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼-ରାଜ୍ୟସଭା

ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗତ ୩ ବର୍ଷ ମଧ୍ୟରେ ୯ ହଜାର ୬୧୪ଟି ଶିଳ୍ପ ସଂସ୍ଥାକୁ ପ୍ରଦୂଷଣ ନିରୀକ୍ଷଣ କରିଥିବା ନେଇ ରାଜ୍ୟସଭାରେ କେନ୍ଦ୍ର ପରିବେଶ , ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ କହିଛନ୍ତି । ବୋର୍ଡର ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ୨୩୩ଟି ଶିଳ୍ପ ସଂସ୍ଥାକୁ ବନ୍ଦ କରାଯାଇଥିବାବେଳେ ୨୪୧ଟି ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ରାଜ୍ୟରେ ବର୍ତ୍ତମାନ ୧୨ ହଜାର ୧୫୬ଟି ଶିଳ୍ପ ସଂସ୍ଥା କାର୍ଯ୍ୟ କରୁଛି ବୋଲି ରାଜ୍ୟସଭାରେ ଏସଂପର୍କିତ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ସିଂ ଏହା କହିଛନ୍ତି ।

# ମୁଖ୍ୟ ଶାସନ ସଚିବ-ସମୀକ୍ଷା ବୈଠକ

ଅଗ୍ନିଶମ ବିଭାଗକୁ ଅଧିକ ଦକ୍ଷ କରିବା ପାଇଁ ମହିଳାମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ ଅଗ୍ନିଶମ ଓ ଜରୁରୀକାଳୀନ ସେବା, ହୋମ୍‌ଗାର୍ଡ ଏବଂ ନାଗରିକ ସୁରକ୍ଷା କାର୍ଯ୍ୟ ସଂପର୍କିତ ସମୀକ୍ଷା ବୈଠକରେ ଶ୍ରୀମତୀ ଗର୍ଗ କହିଛନ୍ତି, ଗତବର୍ଷ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ଦୁର୍ଘଟଣାରେ ୯ ହଜାର ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏବଂ ୧୬ ହଜାର ୪୦୦ ପଶୁଙ୍କୁ ସଫଳତାର ସହିତ ଉଦ୍ଧାର କରାଯିବା ସହିତ ପ୍ରାୟ ୬ଶହ କୋଟି ଟଙ୍କାର ସମ୍ପତ୍ତି ସୁରକ୍ଷିତ କରାଯାଇଛି । ପାଣିରେ ବୁଡ଼ି ଦୁର୍ଘଟଣା ଜନିତ ମୃତ୍ୟୁ

ସଂଖ୍ୟାକୁ ହ୍ରାସ କରିବାପାଇଁ ଅଗ୍ନିଶମ ବିଭାଗକୁ ଅଧିକ ସୁଦୃଢ଼ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

## ନ୍ୟାୟ ସଂହିତା ପ୍ରଦର୍ଶନୀ

ଓଡ଼ିଶା ପୋଲିସ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ସପ୍ତାହ ବ୍ୟାପୀ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ସମ୍ମିଳନୀରେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ବୃଦ୍ଧି ସହିତ ଡିଜିଟାଲ ଯୁଗରେ ପୋଲିସର କାର୍ଯ୍ୟକାରିତା ଉପରେ ବିଶେଷ ଭାବରେ ଆଲୋଚନା ହୋଇଥିଲା । ପ୍ରଦର୍ଶନୀରେ ଲକ୍ଷାଧିକ ଲୋକ ଅଂଶଗ୍ରହଣ କରିଥିଲେ। ଗତବର୍ଷ ଶୂନ୍ ଏଫ୍‌ଆଇଆର କ୍ଷେତ୍ରରେ ୧୬୬ ପ୍ରତିଶତ ବୃଦ୍ଧି ଓ ଦଣ୍ଡାଦେଶ ହାର ୮୭ ପ୍ରତିଶତକୁ ପହଞ୍ଚିବା ପୋଲିସ୍‌ର ସଫଳତାକୁ ଦର୍ଶାଉଛି ବୋଲି ପୋଲିସ୍ ମହାନିର୍ଦ୍ଦେଶକ କହିଛନ୍ତି ।

## ସଡ଼କ ଦୁର୍ଘଟଣା-ଜିଲ୍ଲା ପ୍ରଶାସନ

ଗଞ୍ଜାମ ଜିଲ୍ଲାରେ ଗତ ଫେବୃୟାରୀ ମାସରେ ୧୭୦ଟି ସଡ଼କ ଦୁର୍ଘଟଣାରେ ୧୦୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୬ ଜଣ ଆହତ ହୋଇଥିବା ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ରାଜ୍ୟରେ ଗଞ୍ଜାମଜିଲ୍ଲା ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁରେ ଦୁଇନମ୍ବର ସ୍ଥାନରେ ରହିଛି । ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ଚଳିତମାସ ୨୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସଚେତନତା ଅଭିଯାନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଗ୍ୟାସ୍ ଯୋଗାଣ-ସମୀକ୍ଷା ବୈଠକ

ରାଜ୍ୟ ସରକାରଙ୍କର ନିର୍ଦ୍ଦେଶକ୍ରମେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ଭିଡ଼ିଓ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡରର ଆବଶ୍ୟକତା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟାପ୍ତ ପରିମାଣର ଗ୍ୟାସ୍ ସିଲିଣ୍ଡର ମହଜୁଦ ଅଛି ଏବଂ ଜନସାଧାରଣ ଭୟଭୀତ ନ ହେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

## ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପରିସରରେ ଆସନ୍ତାକାଲି ପୂର୍ବାହ୍ନ ୧୦ଘଟିକା ସମୟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଲୋକ୍ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧିନ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯିବ।  ବାଣିଜ୍ୟ ଓ ପରିବହନ ବିଭାଗର ସୂଚନା ଅନୁସାରେ, ୨୦୨୫ ଜୁଲାଇ ମାସପୂର୍ବରୁ ଜାରି ହୋଇଥିବା ପୁରୁଣା ଗାଡ଼ି ଚାଲାଣ ବାବଦରେ ଏକକାଳୀନ ପୈଠ ବ୍ୟବସ୍ଥାରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଜୋରିମାନା ଅଦାଲତରେ ବିଚାର ହେବ ।

# ଜମିପଟ୍ଟା ପ୍ରଦାନ

ନବରଙ୍ଗପୁର ଜିଲ୍ଲାର ଝରିଗାଁ ତହସିଲ କାର୍ଯ୍ୟାଳୟରେ ଧନପୁର, ପାଉରବେଲି ଓ କଲେଗାଁର ୩୩ ଜଣ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ

କରାଯାଇଛି । ବାସହୀନ ପରିବାରକୁ ଜମିପଟ୍ଟା ପ୍ରଦାନ କରିବା ସହିତ ସେମାନଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ।

## ଜଙ୍ଗଲ ନିଆଁ

କନ୍ଧମାଳ ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବାରୁ  ଜନସାଧାରଣ ଓ ଜୀବଜନ୍ତୁମାନେ ପ୍ରଭାବିତ ହେଉଛନ୍ତି। ଫୁଲବାଣୀ ଓ ବାଲିଗୁଡ଼ା ବନଖଣ୍ଡ ପକ୍ଷରୁ ଜନସାଧାରଣଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ପଥପ୍ରାନ୍ତ ନାଟକ, ସଭାସମିତି ଏବଂ ପୋଷ୍ଟର ଦ୍ୱାରା ସଚେତନ କରାଯାଉଛି ବୋଲି ବାଲିଗୁଡ଼ା ବନଖଣ୍ଡ ଅଧିକାରୀ କହିଛନ୍ତି ।

## ପାଣିପାଗ

ରାଜ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଉଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଝାରସୁଗୁଡ଼ାରେ ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଦଶମିକ ୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା।  ରାଜ୍ୟର ୧୭ଟି ପ୍ରମୁଖ ସ୍ଥାନରେ ତାପମାତ୍ରା  ୩୭ ଡିଗ୍ରୀରୁ ଅଧିକ ରହିଥିଲା । ଭୁବନେଶ୍ୱରର ତାପମାତ୍ରା ୩୮ ଡିଗ୍ରୀ ଅତିକ୍ରମ କରିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।  ସୂଚନା ଅନୁସାରେ, ଆଗାମୀ ଦୁଇ ଦିନ ମଧ୍ୟରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି।